- ରନ୍ଧନ ସମୟରେ ଡାଲି ରୁ ନିର୍ଗତ ଫେଣକୁ ବାହାର କରିବା ଫଳରେ ଅନେକ ହଜମ କ୍ରିୟା ସହଜ ହୋଇଥାଏ।

ବୃକକ୍ ରୋଗରେ ଆକ୍ରାନ୍ତ ମଧୁମେହ ରୋଗୀମାନେ ଡାଲିଗୁଡ଼ିକୁ ରାତିସାରା ପାଣିରେ ଭିଜାଇ ରଖିବା ପରେ ପାଣିରୁ ଛାଣି ତା'ପରେ ରାନ୍ଧିବା ନିତ୍ୟାନ୍ତ ଆବଶ୍ୟକ । ରୋଗୀମାନେ ସୀମିତ ପରିମାଣରେ ଡାଲି ଖାଇଲେ ଭଲ ।

●●●

ଜେଜେମା'ର ସ୍ମାର୍ଟ ଫୋନ୍ ଦେଖା ଅନୁଭୂତି

ନନ୍ଦକିଶୋର ଜେନା

ମୋ. ନଂ.- ୯୭୭୭୩୧୩୨୦୯

ଜେଜେମା ଓ ନାତୁଣୀ ଖୁବ୍ ସାଙ୍ଗ । ସାଙ୍ଗହୋଇ, ଶୋଇବା, ଖାଇବା, ଉଠିବା, ବସିବା, ପ୍ରାୟ ସମାନ । ଉଭୟଙ୍କ ମଧ୍ୟରେ କ୍ଷୀର ନୀର ସଂପର୍କ କେବଳ ବୟସରେ ପାର୍ଥକ୍ୟ । ଜେଜେମାକୁ ୮୦ ବର୍ଷ ନାତୁଣୀ ୯ମ ଶ୍ରେଣୀର ଛାତ୍ରୀ ବୟସ ୧୪ । ରାତିରେ ବୁଢୀ ନାତୁଣୀକୁ ପରିରାଇଜ କଥା, ଅଙ୍ଗେ ଲିଭାଇଥିବା କଥା, ଭୂତ ପ୍ରେତ ଚିର୍‌ଗୁଣୀ କଥା ଶୋଇଲା ବେଳେ କହେ କିପରି ଗୁଣିଆ ଭୂତ ପ୍ରେତଙ୍କୁ ଏଗଛ ସେଗଛ କରନ୍ତି । କିପରି ରାତିରେ ଡାକନ୍ତି । ତା ସମୟରେ ଥରେ ଖୁଦୁରୁକୁଣୀ ଓଷା ପୂର୍ବ ରାତ୍ରିରେ କିପରି ଭୂତ ଫୁଲ ତୋଳିବା ପାଇଁ ତାକୁ ଡାକିଲା । ଓ ଫୁଲ କେତେ ପ୍ରକାର ତୋଳି ଦେଇଥିଲା । ସେହିପରି ରାଣୀଆ ବାପାକୁ କିପରି ଭୂତ ଡାକିନେଇ ନଈରେ ମାଡି ଦେଇଥିଲା । ଏପରି ଅନେକ କଥା ବୁଢୀ କହିଚାଲେ କିନ୍ତୁ ନାତୁଣୀ ଅଧେ ଶୁଣୁଶୁଣୁ ତାକୁ ନିଦ ଲାଗିଯାଏ । ଏଣୁ ବୁଢୀ ନାତୁଣୀକୁ କୁହେ କାହାକୁ ରାତିରେ ଡାକିବାକୁ କଥା ଦେବୁନାହିଁ । ଭୂତ ଆସି ଡାକି ନେଇଯିବ । ଦିନରେ ବୁଢୀର ବୋହୁ ସ୍କୁଲକୁ ଯାଏ, ପୁଅ ବ୍ୟାଙ୍କରେ ଚାକିରୀ । ଏଣୁ ଏକମାତ୍ର ନାତୁଣୀ ବୁଢୀ ପାଖରେ ୯ଟା ଯାଏ ରହେ ତା ପରେ ସ୍କୁଲକୁ ଯାଏ ତାର ପ୍ରିୟ ସାଂଗ ମୋବାଇଲ ଫୋନ । ଅଜିକାଲି ଛୁଆମାନଙ୍କର ହେତୁ ପାଇଲା ଠାରୁ ମୋବାଇଲ ଫୋନ୍ ସମସ୍ତଙ୍କର ପ୍ରିୟ । ପିଲାମାନେ ମୋବାଇଲ ଦେଖୁଦେଖୁ ଖାଇବା ପିଇବା ଭୁଲିଯାଉଛନ୍ତି । ପାଠପଢା ମଧ୍ୟ ମୋବାଇଲ ଗୁଗୁଲରୁ ମିଳିଯାଉଛି । ଆଖି ଖରାପ ହେଉ ମୁଣ୍ଡ ବିନ୍ଧୁ ଚିନ୍ତା ନାହିଁ ।

ଦିନକର କଥା । ବୁଢୀର ବୋହୁ ଘରେ ନଥାଏ । ବାହାରେ ଲୁଗାପଟା ଶୁଖୁଥାଏ । ହଠାତ୍ ଘଡଘଡି ମାରି ବର୍ଷା ମାଡ଼ିଆସିଲା । ବୁଢୀ ଗେହ୍ଲି ଗେହ୍ଲି କୁଆଡେ ଗଲୁ ବୋଲି ଡାକ ଛାଡିଲା ନାତୁଣୀ ମୋବାଇଲ ଦେଖିବାରେ ବ୍ୟସ୍ତ, ଶୁଣୁଛି କିଏ । ସବୁ ଭାସି ଯାଉ ମୋବାଇଲ ସିନ ମଜା ଛାଡେ କିଏ ? ବୁଢୀ ବିରକ୍ତ ହେବାରୁ ନାତୁଣୀ ବୁଢୀକୁ ମୋବାଇଲ ଦେଇ ଲୁଗା ତୋଳିବାକୁ ଗଲା ବୁଢୀର ମୋବାଇଲ ଧରିବା ପ୍ରଥମ । କଣ ତା ଭିତରେ ଅଛି ଜାଣିବାକୁ ବୁଢୀ ଆଗ୍ରହ ପ୍ରକାଶ କଲା । ମୋତେ ଟିକେ ଶିଖେଇଦେ ମୁଁ ଦେଖୁଥାଏ । ଯା ଲୁଗା ତୋଳିପକା । ନାତୁଣୀ କହିଲା ତଳକୁ ମାରିବୁ ଚିତ୍ର ଆସିବ । ବୁଢୀର କୌତୁହଳ କହିଲେ ନସରେ । ରଙ୍ଗ ବେରଙ୍ଗ ର ମଣିଷ, ଦୃଶ୍ୟ, ବୁଢୀକୁ ଅଥୟ କରିପକାଇଲା । ଯାହା TVରେ ଦେଖେ ତାହା ଏହା ଭିତରେ ଅଛି । ତାପରେ ତଳକୁ ତଳକୁ ଦେଖୁଦେଖୁ ବୁଢୀ ନଜରରେ ପଡିଲା ଝିଅ, ବୋହୁ ମାନଙ୍କର ଫୁଙ୍ଗୁଳା ଦେହ, ପିନ୍ଧା ପୋଷାକ ଛିଃ ଛିଃ ଅଲାଜୁକି ଗୁଡାଙ୍କର ବାପା ମା ନାହାନ୍ତି ? ସେମାନେକଣ ତାଙ୍କୁ ତାଗିଦ କରୁନାହାନ୍ତି । ଦେହ ମୁଣ୍ଡରେ ଲୁଗାନାହିଁ, ଛାତି ଅଧା ଫୁଙ୍ଗୁଳା, ଦେଶ କୁଆଡେ ଯାଉଛି ? ତାପରେ ବୁଢୀର ଆଖି

ପଡିଲା ଗୋଆ ସି ବିଚର ଦୃଶ୍ୟ ଉପରେ। ଆରେ ଏ ଗୋରା ଗୋରା ଲୋକଗୁଡାକ ଏଠି ବାଲି ଉପରେ ଶୋଇଛନ୍ତି କାହିଁକି ? ଏ ସ୍ତ୍ରୀ ଲୋକ ଗୁଡାକ କ'ଣ ଖଣ୍ଡେ ଖଣ୍ଡେ କନା ଗୁଡାଇ ହୋଇଛନ୍ତି। ସେ ମନେ ମନେ ଭାବିଲା ବୋଧହୁଏ ଏମାନଙ୍କର ଘର ଦ୍ୱାର ନାହିଁ, ଗରିବ ଭିକାରୀ ହୋଇଥିବେ ସମୁଦ୍ର କୂଳେ ଶୀତ କାକରରେ ଗଡୁଛନ୍ତି। ନାତୁଣୀ ଆସି ପହଞ୍ଚିଲା ବୁଢୀ ପଚାରିଲା ଏ ଗୋରା ଗୋରା ଲୋକଗୁଡା ସମୁଦ୍ର ବାଲିରେ ଅଧାଲଙ୍ଗଳା ହୋଇ ଶୋଇଛନ୍ତି କାହିଁକି। ତାଙ୍କର କ'ଣ ପିଲାଛୁଆ ନାହାନ୍ତି। ଏମାନେ କ'ଣ ଯାଯାବର। ନାତୁଣୀ କହିଲା ଏମାନେ ବଡଲୋକ। ବିଦେଶୀ ଏମାନେ। ଏଠାରେ ହନିମୁନ୍ କଟାଉଛନ୍ତି। ସେ କ'ଣ ବୁଢୀ ପଚାରିଲା ନାତୁଣୀ ବୁଢୀକୁ ହନିମୁନ୍ କ'ଣ ବୁଝାଇଲା। ବୁଢୀ କହିଲା ଏମାନଙ୍କ ପାଲରେ ପଡନା। ଏମାନେ ବାଣିଜ୍ୟ କରିବାକୁ ଆସି ଆମକୁ ୨୦୦ ବର୍ଷ ଶାସନକଲେ। ପୁଣି ଲଙ୍ଗଳା ଫେସନରେ ଆମ ସମାଜକୁ ଖାଇବେ। ଛିଃ ଛିଃ ଅଲାଜୁକି ତୁ ଏଇଆ ଦେଖୁଛୁ, ତମକୁ ଲାଜ ସରମ ମାଡୁନାହିଁ। ସେଇଠୁ ଦେଖ୍ ଆଣ୍ଠୁ ଖଣ୍ଡିଆ, କାନ୍ଧ ଖଣ୍ଡିଆ ସାର୍ଟ ପ୍ୟାଣ୍ଟ ପିନ୍ଧୁଛ ? ଆଲୋ ମୋର ସାତ ସାତଟା ଛୁଆ। ତୋ ଜେଜକୁ ମୁଁ ତୋ ବାପା ଏକୋଇସିଆରେ ଦେଖିଲି। ସେ ମୋତେ କେବେ ଦେଖିଛନ୍ତି, ମୁଁ ଜାଣିନାହିଁ। ଆମେ କ'ଣ ମଣିଷ ନୋହୁଁ। ଆମ ଦେହ ମୁଣ୍ଡ ଲୁଗା ଭିତରେ ଲୁଚିକି ଥିଲା। ତମେ ଗୁଡା ଆଜିକାଲି ଲାଜକଣ ଭୁଲିଗଲ। ଯେଉଁ ଟୋକା ତୋ ସାଙ୍ଗରେ ଆସିଥିଲା। କ'ଣ କହୁଥିଲୁ ବୟ ଫେରଣ୍ଡା। ଫେରଣ୍ଡା ତ ଅଣ୍ଡିରା ବିଲୁଆକୁ କହନ୍ତି। ଅଧରାତିରେ ଭୁକେ, ଅବଶ୍ୟ ତା ବାଳକଟାରୁ ଓ ବେଶ ପୋଷାକରୁ ଠିକ୍ ବିଲୁଆ ଭଳି ଦିଶୁଥିଲା। ନାତୁଣୀ ତା ବୟଫ୍ରେଣ୍ଡ ବିରୁଦ୍ଧ କଥା ଶୁଣି ସାପ ପରି ଗର୍ଜନ କଲା। ତାଗିଦ୍ କରି କହିଲା ଆଉଥରେ ତା ବିରୁଦ୍ଧରେ କହିବୁ ନାହିଁ। ହେଉ ଠିକ୍ ଅଛି, ତୋ ବାପା ବୋଉ ଆସନ୍ତୁ ମୁଁ ତାଙ୍କୁ କହି ତୋର ବିଭାଘର ଶୀଘ୍ର କରିଦେବି। ଜେଜେମା ମୁଁ କେବେବି ବିବାହ କରିବି ନାହିଁ। ଲିଭିଂ ରିଲେସନରେ ରହିବି। ସେଟା କ'ଣ ? ଆମେ ଗୋଟିଏ ଜାଗାରେ, ଗୋଟିଏ ଘରେ ରହିବୁ। ପିଲା ଆମର ଦରକାର ନାହିଁ। ଆମେ ଲାଇଫ୍ ଏନ୍‌ଜୟ କରିବୁ। ବେଦୀ ଦରକାର ପଡିବ ନାହିଁ ବାଜା, ବାଣ, ଭୋଜିର ଆବଶ୍ୟକ ପଡିବ ନାହିଁ। ବାପା ଖର୍ଚ୍ଚରୁ ମୁକ୍ତି ପାଇବେ। ନୋ ଟେନ୍‌ସନ୍, ତମକୁ ଆଉ ଭଲବାଟ ଦିଶୁନାହିଁ। ମରିବ, ଆତ୍ମହତ୍ୟା କରିବ, ବାପା ମାଙ୍କୁ କୋର୍ଟ କଚେରୀକୁ ଟାଣିବ। କଳିଯୁଗର ଶେଷ ସମୟ ଆସିଗଲା। ଜାତି ଗୋତ୍ର ଭୁଲିଗଲ। ଆମ ବେଳେ ଶୁଣିଥିଲି ମଣିଷ ବଣରେ ଲଙ୍ଗଳା ହୋଇ ରହୁଥିଲା। ଏବେ କ'ଣ ହୋଇଛି ଜାଣେ ନାହିଁ। ପୁଣି ଥରେ ମଣିଷମାନେ ଆଗାମୀ ଭବିଷ୍ୟତରେ ଲଙ୍ଗଳା ହୋଇ ବୁଲିବେ। ଚାଖଣ୍ଡକିଆ ପୋଷାକ ଆରମ୍ଭ ହୋଇଗଲାଣି। କିଛିଦିନ ଚାଲିବ। ନାରୀ ଧର୍ଷଣ ବଢିବ। ଅବୈଧ / ଜାରଜ ସନ୍ତାନ ଜନ୍ମ ହେବେ। ସମାଜ ଧ୍ୱଂସ ପାଇବ। ମା' ଏକଥା ମନେରଖିଥା। ଜେଜେମା ଠିକ୍ ନା ଭୁଲ୍ କହିଥିଲା। ମା ତୋ କଥା ଶୁଣୁଛି କିଏ ? ତୁ ଏ ସମାଜକୁ ବଦଳାଇ ପାରିବୁ ନାହିଁ। ନିଜକୁ ଚେଞ୍ଜ୍‌କର । ନ ହେଲେ ଏକ ଘରିକିଆ ହେବୁ।

●●●

ନୀତିବାଣୀ

ଶ୍ରୀଯୁକ୍ତ ପ୍ରଭାକର ବୈଆଲୁ (ଡାକ ଭାଇ)

ମୋ. ନଂ.- ୯୭୭୬୪୧୫୮୫୭

ଷାଠିଏ ଟପିଲେ ଉପଦେଶ ଦେବ ଆଦେଶ କରିବ ନାହିଁ,
ବାର୍ଦ୍ଧକ୍ୟ କାଳରେ ବାର ଧକା ଦେବେ କାହାକୁ କହିବେ ଜାଇ ।
ଅବୋଧ ମନକୁ ବୋଧ ଦେବା ପାଇ ମନବୋଧ ଚଉତିଶା,
କାମ, କ୍ରୋଧ, ଲୋଭ ଛାଡି ଚାଲି ହେବ ନାହିଁ ଲୋକହସା।
ବାର୍ଦ୍ଧକ୍ୟ ଆସିଲେ କାଳର ପ୍ରଭାବ ମଣିଷକୁ ଜଣାପଡେ,
ଭାଗବତ ଚର୍ଚ୍ଚା ଗୀତା ଅଧ୍ୟୟନ ବାର୍ଦ୍ଧକ୍ୟରୁ ରକ୍ଷାକରେ।
ଧର୍ମ ବାସସ୍ଥାନ ଅଟଇ ବିବେକ ଅଧର୍ମର ସ୍ଥାନ ମନ
ବିବେକ ଆଦେଶ ମାନି ଯେ ଚଳନ୍ତି ପ୍ରକୃତରେ ଭାଗ୍ୟବାନ ।
ଅନୁଚିତ କର୍ମ କରିବନି କେବେ ବଳବାନ୍ ସଙ୍ଗେ ଦମ୍ଭ,
ସ୍ୱଜନ ବିରୋଧ ନାରୀକୁ ବିଶ୍ୱାସ ଏହା କଲେ ମୃତ୍ୟୁ ଧ୍ରୁବ ।
ଧନ ଦେଇ ଲୋଭି କରିବୁ ଆୟତ୍ତ କ୍ରୋଧୀକୁ ବିନୟ କହି,
କପଟ ବଚନେ ମୂର୍ଖକୁ ତୋଷିବୁ ପଣ୍ଡିତଙ୍କୁ ସତ କହି ।
ରାଧାକୃଷ୍ଣ ପ୍ରେମ ଅନାବିଳ ସ୍ନେହ ପ୍ରୀତି ଭାବ ସେଠି ନାହିଁ,
କଳିର ମଣିଷ କାମ କ୍ରୋଧେ ବଶ କୁନଜରେ ଦେଖୁଥାଇ।
ବୟସ ବଢ଼ିଲେ ନିରାମିଷ ଖାଅ ଆମିଷ ଖାଇବ ନାହିଁ,
ହାତକୁ ଚିକ୍କଣ ପାଟିକୁ ସୁଆଦ ପେଟକୁ ବିପଦ ସେଇ।
ସାତ୍ତ୍ୱିକ ପୂଜନ୍ତି ଦେବତାମାନଙ୍କୁ ରାଜସିକ ରାକ୍ଷସଙ୍କୁ,
ତାମସିକ ପୂଜେ ଭୂତ ଓ ପ୍ରେତଙ୍କୁ ନିଷ୍କାମୀ ପୂଜେ ବ୍ରହ୍ମକୁ ।
ଭୀକାରି ବୁଝେନା ରାଜାର ପୌରୁଷ ଶିଶୁ ଜାଣେ ନାହିଁ ରତି
ବନ୍ଧ୍ୟା ଜାଣେ ନାହିଁ ପ୍ରସବ ବେଦନା ତାପସ ବୁଝେନା ପ୍ରୀତି।
ଗଛ, ପତ୍ର, ଚେର, ଫଳମୂଳ ଖାଇ ବଞ୍ଚିଥିଲେ ମୁନି ଋଷି,
ବ୍ରହ୍ମକୁ ସଞ୍ଚିତ କରିପାରିଲେନି ନାରୀ ମାୟା ଦେଲା ଗ୍ରାସି ।
ଶକ୍ତି ଗଲେ ଚୋର ସାଧୁ କଥା କହେ ଅତ୍ୟାଚାରୀ ବୁଢ଼ା ତପି
ରୋଗ ହେଲେ ଦେହେ ଭକ୍ତି କରେ ନର ନାସ୍ତିକ ବିପଦେ ଜପି
ଅଧର୍ମୀ ସହିତେ ଧର୍ମ ପାଳିବୁନି ପାଳିଲେ ପାଇବୁ ଧୋକା,
କପଟୀ ସହିତ କପଟ ନ କଲେ ନିଜେ ହେବୁ ହଟହଙ୍ଗା।
ସମ୍ପତ୍ତିକୁ ଯିଏ ପ୍ରଭୁ ଭାବୁଥାନ୍ତି ସମ୍ପର୍କ ରଖନ୍ତି ନାହି,
ଦିନରାତି ଯିଏ ଧନ ପଛେ ଧାଏଁ ଦୁଃଖୀ ପରାଧୀନ ସେହି।
ଧନୀ ଲୋକଙ୍କର ଯେତେ ଧନ ଥିଲେ ମାଗୁଥାନ୍ତି ପ୍ରଭୁ ଆଉ,
ଆତ୍ମଜ୍ଞାନୀ ଜ୍ଞାନ ବିତରଣ କରେ ଧନ ଦେଲେ କହେ ଥାଉ।
ସବୁ ପ୍ରବଚନ ଈଶ୍ୱର ବଚନ ଗୀତା ଭାଗବତ ବାଣୀ,
ନିଜସ୍ୱ ବଚନ ଅଟେ ଆତ୍ମଜ୍ଞାନ ପାରିବେ ତାହା ବଖାଣି।
ବିଦ୍ୟାପରି ବନ୍ଧୁ ସଂସାରେ ନାହାଁନ୍ତି ରୋଗଠାରୁ ଶତ୍ରୁ ନାହିଁ,
ପୁଅ ସ୍ନେହ ଠାରୁ ଆଉ ସ୍ନେହ ନାହିଁ ଦଇବ ବଳ ଶ୍ରେଷ୍ଠ ହୋଇ।
କାନ୍ଦିକାନ୍ଦି ଜନ୍ମ ହେଲୁରେ କୁମର ଅଭିଯୋଗରେ ବଞ୍ଚିଲୁ,
ଅଢ଼େଇ ଦିନର ଦୁଃଖସୁଖ ଭୋଗି ଅନୁତାପ କରି ମଲୁ। ●●●

ପ୍ରାରବ୍ଧ

ଆଡଭୋକେଟ ନରେନ୍ଦ୍ର କିଶୋର ମିଶ୍ର
ମୋ. ୯୪୩୭୦୩୩୬୧୧

ଜଣେ ଭକ୍ତ ଈଶ୍ୱରଙ୍କ ନାମ ଯଜ୍ଞରେ ନିଜ ସମୟ ଅତିବାହିତ କରୁଥିଲେ । ଶେଷରେ ବୟସ ବଢ଼ିବା ସଙ୍ଗେ ସଙ୍ଗେ ରୋଗାକ୍ରାନ୍ତ ହୋଇ ବିଛଣା ଧରି ନେଲେ । ଶୌଚ, ସ୍ନାନ ଆଦି ସମୟରେ ସେ ନିଜ ସନ୍ତାନମାନଙ୍କୁ ଡାକୁଥିଲେ । ଧିରେ ଧିରେ ସନ୍ତାନ ମାନେ ମଧ୍ୟ ପରସ୍ପର ଆଳ କରି ଆସିବା ବନ୍ଦ କରିଦେଲେ । ବେଳେ ବେଳେ ତାଙ୍କୁ ସେଇ ଅପରିଷ୍କାର ବିଛଣାରେ ରାତି କଟାଇବାକୁ ପଡୁଥିଲା। ଦିନେ ରାତିରେ ଏକ ଆଶ୍ଚର୍ଯ୍ୟ ଘଟଣା ଘଟିଲା । ସେ ଆକୁଳ କଣ୍ଠରେ ପୁଅ ନାମ ଧରି ଡାକ ଛାଡିଲେ। ସଂଗେ ସଂଗେ ଜଣେ ବାଳକ କୋମଳ ହାତରେ ତାଙ୍କୁ ଧରି ନେଇ ନିବୃତ୍ତି କରାଇ, ବିଛଣା ପରିଷ୍କାର କରି ଶୋଇ ପକାଇଲା ।

ଧିରେ ଧୀରେ ଏହି କ୍ରିୟା ନିତିଦିନିଆ ହୋଇଗଲା। ବ୍ୟକ୍ତି ଜଣଙ୍କୁ ସନ୍ଦେହ ହେଲା । ଆଗେ ତ ଡ଼ାକ ଛାଡିଲେ ସମସ୍ତ ଘରଲୋକ ନ ଶୁଣିବାର ଛଳନା କରୁଥିଲେ, କିନ୍ତୁ ଇଏ କିଏ ? ଡାକିଲା ମାତ୍ରେ ହାଜର । ଏହା ଭାବି ପିଲାଟିର କୋମଳ ହାତକୁ ଧରି ପରିଚୟ ପଚାରିଲେ ।

ତତ୍‌କ୍ଷଣାତ୍ ଏକ ଅଲୌକିକ ଆଭା ଅନ୍ଧକାର ଗୃହରେ ପ୍ରତିଫଳିତ ହେଲା। ସମ୍ମୁଖରେ ବାଳକ ରୂପୀ ଭଗବାନ କୃଷ୍ଣ ବଂଶୀ ଧରି ଦଣ୍ଡାୟମାନ । ବ୍ୟକ୍ତିଙ୍କୁ ଚିହ୍ନିବାରେ ବିଳମ୍ବ ହେଲା ନାହିଁ । ଚକ୍ଷୁରୁ ଧାର ଧାର ଲୋତକ ବହି ଯାଉ ଥାଏ । ରୁଦ୍ଧ କଣ୍ଠ ରେ କହିଲେ, "ମୁଁ କେତେ ବଡ ପାପୀ । ମୋର ନିବୃତ୍ତି ଆପଣଙ୍କ ଦ୍ୱାରା କରାଇଲି । ହେ ପ୍ରଭୁ, ଯଦି ଆପଣ ମୋ ଉପରେ ଏତେ ପ୍ରସନ୍ନ, ମୋତେ ମୁକ୍ତି କାହିଁକି ଦେଉ ନାହାନ୍ତି ?" ପ୍ରଭୁ କହିଲେ, "ଯାହା ତୁମେ ଭୋଗୁଛ, ତାହା ତୁମର ପ୍ରାରବ୍ଧ । ତୁମେ ମୋର ଜଣେ ପରମ ସାଧକ । ଦିବାନିଶି ମୋ ନାମ ଜପ କରୁଛ । ମୁଁ ତୁମକୁ ଛାଡ଼ିବି କିପରି ? ତେଣୁ ମୁଁ ତୁମ ପ୍ରାରବ୍ଧ ମଧ୍ୟ ତୁମର ସତ ସାଧନା କାରଣରୁ କଟାଉଛି ।"

ବ୍ୟକ୍ତି ପ୍ରଶ୍ନ କଲେ, "କ'ଣ ମୋର ପ୍ରାରବ୍ଧ ତୁମ କରୁଣାଠାରୁ ଉପରେ ? କଣ ତୁମ କୃପା ମୋ ପ୍ରାରବ୍ଧକୁ ଶେଷ କରି ପାରିବନି ?

ପ୍ରଭୁ ଉତ୍ତର ଦେଲେ, "ମୋ କୃପା ସର୍ବୋପରି। ଅବଶ୍ୟ ମୁଁ ପ୍ରାରବ୍ଧ କାଟି ପାରବି ତୁମର ଏଇ ଜନ୍ମରେ । କିନ୍ତୁ ପୁଣି ତୁମକୁ ଏଇ ପ୍ରାରବ୍ଧ ଭୋଗିବାକୁ ପୁନଃ ଜନ୍ମ ନେବାକୁ ପଡିବ। ଏହାହିଁ କର୍ମର ନିୟମ । ଏଇ କାରଣରୁ ''ପୁନରପି ଜନମ ପୁନରପି ମରଣ'' ହୋଇଥାଏ । ଯେହେତୁ ତୁମେ ମୋର ପରମ ଭକ୍ତ, ତୁମର ଏଇ ପ୍ରାରବ୍ଧ ମୁଁ ସ୍ୱୟଂ ନିଜ ହାତରେ କଟାଇ ତୁମକୁ ଜନ୍ମମୃତ୍ୟୁର ବନ୍ଧନରୁ ମୁକ୍ତି ଦେବାକୁ ଚାହେଁ ।"

ପ୍ରାରବ୍ଧ ତିନି ପ୍ରକାର :

ଧୀର :

କେବଳ ନାମ ଜପିଲେ ଏହା କଟି ଯାଏ । ନାମର ମହିମା ଏତେ ପ୍ରବଳ ଯେ ଖାଲି ରାମ ରାମ ଜପି ଦସ୍ୟୁ ରତ୍ନାକର ଆଦିକବି ବାଲ୍ମୀକିରେ ପରିଣତ ହେଲେ।

ତୀବ୍ର :

ଶ୍ରଦ୍ଧା ବିଶ୍ୱାସ ସହ ସତ୍‌ସଙ୍ଗ କଲେ, ଏହା କଟିଯାଏ । ଭାଗବତରେ ଅଛି, ଧୂନ୍ଧୁଂକାରୀ ଏକ ଦୁଷ୍ଟ ଓ ମହାପାପୀ ଥିଲା । ମୃତ୍ୟୁ ପରେ ମଧ ପ୍ରେତ ଯୋନିରୁ ଉଦ୍ଧାର ପାଉ ନ ଥିଲା । ସେ ଅଦୃଶ୍ୟ ଭାବେ ସତସଙ୍ଗ ମଧରେ ବସି ପ୍ରକାଣ୍ଡ ବିଦ୍ୱାନ ଗୋକର୍ଣ୍ଣଙ୍କ ଠାରୁ ଭାଗବତ ଶୁଣି ସଦଗତି ପ୍ରାପ୍ତ କଲା।

ତୀବ୍ରତମଞ୍ଚ : ସଂସ୍କୃତ ଭାଗବତ ରେ ଅଛି,

ଅବଶ୍ୟମଏବଂ ଭୁକ୍ତାବ୍ୟମ
କୃତଂ କର୍ମ ଶୁଭା ଶୁଭମ,
ନ କ୍ଷୟତେ ପୂର୍ବ କର୍ମ
କଟି କଳ୍ପେ ସତେ ରବୀହକ୍ଷ

ପୂର୍ବ କୃତ କର୍ମ ଶୁଭ ହେଉ ବା ଅଶୁଭ ଏ ଜନ୍ମ ହେଉ ବା ପର ଜନ୍ମ, ଏଥିରୁ ତିଳେ ମାତ୍ର ଉଣା ହେବ ନାହିଁ, ଅବଶ୍ୟ ଭୋଗିବାକୁ ପଡିବ, କିନ୍ତୁ ଶ୍ରଦ୍ଧା ବିଶ୍ୱାସ ସହ ଯେ ପ୍ରଭୁଙ୍କର ଶରଣାଗତ ହୁଏ, ପ୍ରଭୁ ସ୍ୱୟଂ ସାଙ୍ଗରେ ରହି ଏହାର ତୀବ୍ରତାରେ ଉପଶମ ଆଣନ୍ତି ।

ମହାଭାରତ ଯୁଦ୍ଧ ଶେଷ ହୋଇ ଯାଇଥାଏ । ଭୀଷ୍ମ ଶର ଶଯ୍ୟାରେ ପଡି ମୃତ୍ୟୁକୁ ଅପେକ୍ଷା କରୁଥାନ୍ତି। ସୂର୍ଯ୍ୟ ଉତ୍ତରାୟଣ ହେଲେ। ଇଛାମୃତ୍ୟୁ ସତ୍ତ୍ୱେ ସେ ସଦଗତି ପାଉ ନ ଥାନ୍ତି । ସେହି ସମୟରେ ଭଗବାନ କୃଷ୍ଣ ସେଠାରେ ପହଞ୍ଚିଲେ । ଭୀଷ୍ମ ତାଙ୍କୁ ଦେଖି ପଚାରିଲେ, "ହେ ତ୍ରିକାଳ ଦର୍ଶୀ ମଧୁସୂଦନ, ମୁଁ ଜାଣିପାରୁନି ମୃତ୍ୟୁ ପାଇଁ ଇଛା କରି, ପାପ ରହିତ ଥିବା ସତ୍ତ୍ୱେ, ମୁଁ କାହିଁକି ମୃତ୍ୟୁ ବରଣ କରି ପାରୁନି, ଦୀର୍ଘ ଦିନ ଧରି ଏ ତୀର ମୁନରେ ଦାରୁଣ କଷ୍ଟ ପାଉଛି।" ଭଗବାନ କହିଲେ, "ତୁମେ ତୁମର ପୂର୍ବଜନ୍ମର କର୍ମ ଭୋଗ କରୁଛ, ତୁମର କିଛି ମନେ ପଡୁନି ।" ଭୀଷ୍ମ ଆଶ୍ଚର୍ଯ୍ୟ ହେଲେ ଓ କହିଲେ, "ମୁଁ ମୋ ପୂର୍ବ ଜନ୍ମରେ ଏପରି କୌଣସି କର୍ମ କରିଥିବା ଦେଖି ପାରୁନି ।" ପ୍ରଭୂ ଉତ୍ତର ଦେଲେ, "ତୁମେ ତୁମର ୧୦୧ ଜନ୍ମ ପଛକୁ ଯାଅ । ସେହି ଜନ୍ମରେ ତୁମେ ଏକ ଯୁବରାଜ ଥିଲ । ଶିକାର ପାଇଁ ବନସ୍ତରେ ଭ୍ରମଣ କରୁଥିବା ସମୟରେ ତୁମ ରଥ ସମ୍ମୁଖରେ ଏକ ସର୍ପ ଦେଖି ଅଶ୍ୱ ଅଟକି ଯାଇଥିଲା । ତୁମେ ସେଇ ସର୍ପକୁ ଫିଙ୍ଗି ଦେବା ପାଇଁ ଆଦେଶ ଦେଲ । ସର୍ପ ଅନେକ ଦିନ କାଳ ଗୋଟିଏ କଣ୍ଟା ବଣରେ ପଡି, କଣ୍ଟାରେ କ୍ଷତବିକ୍ଷତ ହୋଇ ଶେଷରେ ପ୍ରାଣତ୍ୟାଗ କଲା । କିନ୍ତୁ ତୁମର ବିଗତ ଶହେ ଜନ୍ମର ପୁଣ୍ୟ ଫଳ ଏତେ ପ୍ରବଳ ଥିଲା ଯେ ସେଇ କର୍ମଫଳ ଫଳିତ ହୋଇ ପାରିଲାନି ।" ଭୀଷ୍ମ ପ୍ରଶ୍ନ କଲେ, ପୁଣି ଏ ଜନ୍ମରେ କାହିଁକି ? ଭଗବାନ କହିଲେ, "ଦ୍ରୌପଦୀଙ୍କ ବସ୍ତ୍ରହରଣକୁ ତୁମେ ଅଟକାଇବା ପାଇଁ ସମର୍ଥ ଥିଲ। କିନ୍ତୁ ତୁମେ ଜାଣି ଶୁଣି ମଥା ପାତି ଦେଲ । ଏଇ ଭୁଲ୍ ତୁମର ଶହେ ବର୍ଷର ପୂଣ୍ୟ ଫଳ ଧୋଇ ଦେଲା ଓ ଶେଷରେ ପାପକୁ ଫଳିତ ହେବା ପାଇଁ ସୁଯୋଗ ମିଳିଗଲା । ଏବେ ତୁମେ ତୁମର ପ୍ରାରବ୍ଧ ଭୋଗ ଭୋଗି ସାରିଛ । ଏଥର ମୋକ୍ଷ ପଥରେ ଅଗ୍ରସର ହୁଅ ।

ବାସ୍ତବତଃ, ଆମକୁ ଆମ ପ୍ରାରବ୍ଧ ଭୋଗରୁ କେହି ରକ୍ଷା କରି ପାରିବେ ନାହିଁ। ତେଣୁ ତୁଳସୀଦାସ କହିଛନ୍ତି,

ପ୍ରାରବ୍ଧ ପହଲେ ରଚା, ପିଛେ ରଚା ଶରୀର
ତୁଳସୀ ଚିନ୍ତା କ୍ୟୋଂ କରେ, ଭଜିଲେ ଶ୍ରୀ ରଘୁବୀର।

ଅପରପକ୍ଷରେ ଯେଉଁ ତଥାକଥିତ ପ୍ରଗତିବାଦୀ ପ୍ରାରବ୍ଧରେ ବିଶ୍ୱାସ କରନ୍ତି ନାହିଁ ଏବଂ କହନ୍ତି, ''ଭସ୍ମ ଭୂତସ୍ୟ ଜୀବସ୍ୟ ପୁନରାଗମନ କୁତଃ", ପୁଣି

''ଯାବତ୍ ଜୀବେତ୍ ସୁଖଂ ଭବେତ୍, ଋଣଂ କୃତ୍ୱା ଘୃତଂ ପିବେତ୍", ସେମାନଙ୍କ କଥା ଅଲଗା ।

ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ ଯେତେବେଳେ କ୍ୟାନସର ରୋଗାକ୍ରାନ୍ତ ହୋଇ ଦାରୁଣ କଷ୍ଟ ଭୋଗ କରୁଥିଲେ, ସେତେବେଳେ ତାଙ୍କର କେତେଜଣ ଶିଷ୍ୟ ତାଙ୍କୁ ପ୍ରାର୍ଥନା କରି କହିଲେ, "ହେ ଗୁରୁଦେବ ! ଆପଣ ପ୍ରତି ମୁହୂର୍ତ୍ତରେ ଦର୍ଶନ କରୁଥିବା ଜଗଜ୍ଜନନୀ ମା'ଙ୍କୁ ଯଦି ଏ କଷ୍ଟରୁ ଉଦ୍ଧାର କରିବାକୁ ନିବେଦନ କରନ୍ତେ, ତେବେ ମା' ନିଶ୍ଚୟ ଆରୋଗ୍ୟ କରିଦିଅନ୍ତେ ।" ଶିଷ୍ୟମାନଙ୍କର ଏ ନିବେଦନକୁ ଶ୍ରୀ ରାମକୃଷ୍ଣ ଗ୍ରହଣ କଲେ ନାହିଁ ଓ ଏ ଜନ୍ମରେ ନିଜର ପ୍ରାରବ୍ଧ ଭୋଗ କରି ଜନ୍ମମୃତ୍ୟୁରୁ ନିଜକୁ ଚିରଦିନ ପାଇଁ ମୁକ୍ତ କରି ଅନ୍ତ କାଳରେ ପରମାତ୍ମାଙ୍କ ସହିତ ବିଲୀନ ହେବା ପାଇଁ ଇଚ୍ଛା ପ୍ରକାଶ କଲେ ଏବଂ ପ୍ରାରବ୍ଧ ଜନିତ ଦୁରାରୋଗ୍ୟ ରୋଗ ଜନିତ ଦୁଃଖ ଭୋଗ କରିବା ପାଇଁ ପସନ୍ଦ କଲେ ।

ପ୍ରାରବ୍ଧ ବିଷୟରେ ଆଉ ଗୋଟିଏ ସୁନ୍ଦର କଥା ଅଛି । କଂସ ମହାରାଜଙ୍କ ନିଧନ ପରେ ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ବନ୍ଦୀଶାଳାକୁ ଯାଇ ପିତା ବସୁଦେବ ଓ ମାତା ଦେବକୀଙ୍କୁ ବନ୍ଧନ ମୁକ୍ତ କଲେ, ସେତେବେଳେ ମା' ଦେବକୀ ପୁତ୍ର ଶ୍ରୀକୃଷ୍ଣଙ୍କୁ ପଚାରିଲେ, "ଧନରେ, ତୁ ହେଉଛୁ ସ୍ୱୟଂ ଭଗବାନ, ଆମେ ଦୁହେଁ ତୋର ପିତାମାତା । ଆମେ କି ପାପ କରିଥିଲୁ ଯେ ଆମକୁ ତୁ ଚଉଦ ବର୍ଷ ଏ ବନ୍ଦୀଶାଳାରେ ରଖି ଦୁଃଖ କଷ୍ଟ ଦେଲୁ ?" ସେତେବେଳେ ଶ୍ରୀକୃଷ୍ଣ ଉତ୍ତର ଦେଇଥିଲେ, "ମା, ମୁଁ କି ପାପ କରିଥିଲି ଯେ ତୁମେ ମତେ ପୂର୍ବ ଜନ୍ମରେ (ରାମାବତାରରେ) ଚଉଦ ବର୍ଷ ବନକୁ ପଠାଇଥିଲ ?" ଦେବକୀ ଚମକି ପଡି କହିଲେ," ମୁଁ – ମୁଁ ତତେ ଚଉଦ ବର୍ଷ ବନକୁ ପଠାଇଥିଲି ?" "ହଁ ମା', ତୁମେ ଥିଲ କୈକେୟୀ ଓ ପିତା ବସୁଦେବ ଥିଲେ ଦଶରଥ । ତୁମେ ଦୁହେଁ ମୋତେ ଚଉଦ ବର୍ଷ ବନକୁ ପଠାଇଥିଲ, ଆଉ ସେହି ଚଉଦ ବର୍ଷ ତୁମ ଦୁହିଁଙ୍କୁ ଏ କାରାଗାରର କଷ୍ଟ ଭୋଗିବାକୁ ପଡିଲା ।" ଆଶ୍ଚର୍ଯ୍ୟ ସ୍ୱରରେ ଦେବକୀ ପ୍ରଶ୍ନକଲେ, "ଆଉ କୌଶଲ୍ୟା ?" ଶ୍ରୀକୃଷ୍ଣ କହିଲେ "ସେ ହେଉଛନ୍ତି ଏ ଜନ୍ମରେ ଯଶୋଦା ।" ଦେବକୀ ନୀରବ ହୋଇଗଲେ ।

ନିରପେକ୍ଷ ବିଚାରବନ୍ତ ଭଗବାନ ବି, ନିଜ ପିତାମାତାଙ୍କୁ ପ୍ରାରବ୍ଧରୁ ରକ୍ଷା କରି ପାରି ନଥିଲେ,ଏ କଥାଟି ତାର ଜ୍ୱଳନ୍ତ ପ୍ରମାଣ । ଆମେ ତ ସାଧାରଣ ମନୁଷ୍ୟ । ଆଜି ଆମେ ଯେତେ ଯାହା ଦୁଃଖ କିମ୍ବା ସୁଖ ପାଉଛେ ତାହା ଆମ ପ୍ରାରବ୍ଧର ଫଳ । ଧୈର୍ଯ୍ୟର ସହ ତାକୁ ପାର ହେବା ପାଇଁ ସାରା ଜୀବନ ସ୍ୱ'ଧର୍ମ ପାଳନ ପୂର୍ବକ ପ୍ରୟାସ କରି ଚାଲିବା ଉଚିତ ।

ଭାଗବତରେ କୁହାଯାଇଛି,

ସ୍ୱଧର୍ମେ କଲେ ସ୍ୱର୍ଗବାସ ।
ଅଧର୍ମେ ନରକେ ପ୍ରବେଶ ।।

ଭାଗ୍ୟ ଭରସାରେ ନବସି କର୍ମ କରିବା ଉଚିତ୍ ।

ଓଁ ନମୋ ଭଗବତେ ବସୁଦେବାୟ ।

●●●

ATTENTION

Sidha chikischha / Naturopathy consultancy is operating in every Sunday at 4 pm to 6pm at office of the Elder Recreation Activities-era located at Niharika Appartment, adjacent to Satyanagar over bridge, Ctc.road, Bhubaneswar. Any interested person can attend free of cost.

ନିଃସନ୍ତାନ କର ଭଗବାନ !

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ମୋ-୮୮୯୫୬୨୪୧୦୫

ମୋତେ ସହଳ ନୁହେଁ ଭଗବାନଙ୍କୁ ଏମିତି ଏକ ବର ମାଗିବା । ଶିଶୁ ସନ୍ତାନର ନାଲି ନାଲି ଟିକି ଓଠରୁ ଝରି ପଡୁଥିବା 'ବାପା' ଡାକ ଶୁଣିବାରେ ପିତୃତ୍ୱ ଯେମିତି ଅନିର୍ବଚନୀୟ ଆନନ୍ଦରେ ଉଲ୍ଲସିତ ହୋଇ ଉଠେ, ସେଠି ସନ୍ତାନ ପ୍ରାପ୍ତିର ସୁଖକର ଅନୁଭବଠୁଁ ମୁହଁ ମୋଡ଼ି ନେବା କେବେ କାହାପାଇଁ ସହଜ ହୋଇ ପାରେନା । ଅକଳନ ଐଶ୍ୱର୍ଯ୍ୟ ମଧ୍ୟରେ ବୁଡ଼ି ରହିଥିବା ଧନପତି ହେଉ କି ଅଭିଶପ୍ତ ଅଭାବ ଭିତରେ ବଞ୍ଚି ରହିଥିବା କାଙ୍ଗାଳ ଭିକାରୀ, ସନ୍ତାନଟିଏ ପାଇଁ ସମସ୍ତଙ୍କ ପ୍ରାଣ ସବୁବେଳେ ଆତୁର । ନିଃସନ୍ତାନ ହେବାର ଦୁଃଖ ସଭିଙ୍କୁ ସମ ପରିମାଣରେ ହନ୍ତସନ୍ତ କରେ । ବହୁବିଧ ବ୍ରତ ଉପବାସ ଠାରୁ ଆରମ୍ଭ କରି ଶିବଲିଙ୍ଗ ଉପରେ ଶତ ସହସ୍ର ଜଳକୁମ୍ଭ ଢାଳିବାର ବୈଦିକ ପ୍ରକ୍ରିୟା ମଧ୍ୟରେ, ପୁଣି ପ୍ରାଚୀନ ଚେରମୂଳିକା ଠାରୁ ଅତ୍ୟାଧୁନିକ ଶଲ୍ୟ ଚିକିତ୍ସା ମଧ୍ୟରେ, ସବୁଆଡ଼େ ଉଦ୍‌ଜୀବିତ ହେଉଥାଏ ଅନ୍ତରର ଚିରଈପ୍‌ସିତ ଅଭିଳାଷ; ସନ୍ତାନପ୍ରାପ୍ତିର ଗୌରବମୟ ମୁଗ୍ଧ ଅନୁଭବ । ସଂସାରର ସବୁକିଛି ଥାଇ ମଧ୍ୟ ବାପା ବୋଲାଇବାର ମହାର୍ଘ ଅବସରରୁ ବଂଚିତ ହୋଇ କେହି କେବେ ନିଜକୁ ସଂପୂର୍ଣ ମନେକରି ପାରେନା । ଅପୂର୍ଣ୍ଣ, ଅଭିଶପ୍ତ ମନେହୁଏ ଜୀବନର ପ୍ରତିଟି ମୁହୂର୍ତ୍ତ । ଅତଏବ, ସନ୍ତାନଟିଏ ଜନ୍ମ ଦେବାର ସାର୍ଥକତା ଯେଉଁଠି ପ୍ରତ୍ୟେକ ଜୀବନର ବାଞ୍ଛିତ ବରଦାନ, ସେଠି ନିଃସନ୍ତାନ କରିବାକୁ ପ୍ରଭୁଙ୍କୁ ପ୍ରାର୍ଥନା କେବେ ଏକ ସୁସ୍ଥ ମନର ପରିଚୟ ହୋଇ ନ ପାରେ ।

ତଥାପି ଦିନେ ଏଇ ମୁଲକରେ ରାଜା ଇନ୍ଦ୍ରଦ୍ୟୁମ୍ନ ନିଜ ବଂଶରେ କେହି ନ ରହନ୍ତୁ ବୋଲି ଏକ ବିଚିତ୍ର ବର ମାଗି ଈଶ୍ୱରଙ୍କୁ ତଟସ୍ଥ କରି ଦେଇଥିଲେ । ନିଜ ଜୀବଦ୍ଦଶାର ସକଳ ସାଧନାକୁ ପୂର୍ଣ୍ଣ କରି ସେ ଯେଉଁ ଶ୍ରୀମନ୍ଦିର ସ୍ଥାପନା କରିଥିଲେ, ତାହାକୁ ସର୍ବସାଧାରଣଙ୍କ ଅଧ୍ୟାତ୍ମିକ ଉତ୍ତରଣ ପାଇଁ ସମର୍ପିତ କରି ସେ ନିଜ ବଂଶନାଶର କାମନା କରିଥିଲେ । ଏ ପ୍ରକାର ପ୍ରାର୍ଥନା ମଧ୍ୟରେ ପ୍ରତିଧ୍ୱନିତ ହୋଇଥିଲା ନିଜ ବଂଶର ଉତ୍ତର ଦାୟାଦଙ୍କ ସମ୍ଭାବିତ ଅହଂକାର ବିରୋଧରେ ସମୁଚିତ ସମାଧାନ । ବଂଶରେ କେହି ବଞ୍ଚି ରହିବେ ନା ମନ୍ଦିରକୁ ନିଜର ପୈତୃକ ସମ୍ପତ୍ତି କହି ବଡ଼ିମା ଦେଖାଇବେ ! ଜାଗତିକ କଲ୍ୟାଣର ଓଁକାର ଧ୍ୱନି ଉଚ୍ଚାରଣ କରୁଥିବା ଇନ୍ଦ୍ରଦ୍ୟୁମ୍ନମାନେ କେବଳ ଏହିଭଳି ଅନନ୍ୟ ଆତ୍ମତ୍ୟାଗର ଦୃଷ୍ଟାନ୍ତ ସୃଷ୍ଟି କରିପାରନ୍ତି ।

ମାତ୍ର ଇନ୍ଦ୍ରମଣି ବାବୁତ ସେ ଇନ୍ଦ୍ରଦ୍ୟୁମ୍ନଙ୍କ ପରି ନୁହଁନ୍ତି । ସେ କୌଣସି ମନ୍ଦିର ଗଢ଼ିଛନ୍ତି ନା ଐଶ୍ୱରୀକ ବରପ୍ରାପ୍ତିର ସୁଯୋଗ ପାଇଛନ୍ତି । ତଥାପି କାହିଁକି ତାଙ୍କର ଏ ପ୍ରାର୍ଥନା 'ଯଦି ଏ ଜନ୍ମରେ କିଛି ପୁଣ୍ୟ ଅର୍ଜନ କରିଥାଏ ତେବେ ପରଜନ୍ମରେ ନିଃସନ୍ତାନ କର ମୋତେ ପ୍ରଭୁ !

ଏ ଇନ୍ଦ୍ରମଣି ରହନ୍ତି ଭୁବନେଶ୍ୱରରେ । ଏକା ଏକା ବିପତ୍ନୀକ ଜୀବନ ବିତାଉଥିବା ଏହି ଅଶୀତିପର ବୟସ୍କ ବୃଦ୍ଧ ଚାରି ପୁଅର ଜନକ, ଚାରି ବୋହୂଙ୍କ ଶ୍ୱଶୁର ଓ ସାତ ଜଣ ନାତି ନାତୁଣୀଙ୍କ ଜେଜେ । ରାଜଧାନୀର ସମ୍ଭ୍ରାନ୍ତ ଇଲାକାରେ ଆକାଶକୁ ମୁଣ୍ଡ ଟେକି ଛିଡ଼ାହୋଇଥିବା ଏକ ସୁରମ୍ୟ ଚତୁସ୍ଥଳ

ପ୍ରାସାଦର ଗର୍ବିତ ମାଲିକ ସେ। ଚାରିପୁଅଙ୍କ ମଧ୍ୟରୁ ତିନିଜଣ ଉଚ୍ଚ ପଦରେ ଅଧିଷ୍ଠିତ ଥାଇ ନିଜ ନିଜର ସଂସାର ସହ ବାହାରେ ଅବସ୍ଥାପିତ। କେବଳ ସାନପୁଅ ବୋହୂ ଦୁହେଁ ବୃତ୍ତି ଦାୟରେ ବାପା ନାମକ ବୋଝକୁ ମୁଣ୍ଡରେ ବୋହି ଭୁବନେଶ୍ୱରରେ ପଡ଼ି ରହିଛନ୍ତି ସିନା, ବଦଳି ହୋଇ ଅନ୍ୟ କେଉଁଠିକୁ ଚାଲିଯିବାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପ୍ରତିଦିନ ଝଗଡ଼ା। ଇନ୍ଦ୍ରମଣି ବୁଝନ୍ତି ପୁଅ ବୋହୂଙ୍କ ଅଶାନ୍ତିର ମୂଳ କାରଣ ସେ ନିଜେ। ଅନ୍ୟ ତିନିପୁଅ ନିଜ ନିଜର ସଂସାର ନେଇ ଚାଲି ଯାଇଥିଲା ବେଳେ ବୁଢ଼ାବାପାର ଦାୟିତ୍ୱ ନେବା ପାଇଁ ସାନପୁଅ କ'ଣ ଏକା ଜନ୍ମ ହୋଇଥିଲା । ସାନ ବୋହୂଙ୍କର ଏ ଯୁକ୍ତିକୁ ଶ୍ୱଶୁର ଗ୍ରହଣ କରି ନେଉଥିଲେ ମଧ୍ୟ ସେ କରନ୍ତେ ବା କଣ ! ସଂସାରରୁ ଅବସର ନେଇ ଚାଲିଯିବା ତ ତାଙ୍କର ଇଚ୍ଛାଧୀନ ନୁହେଁ !

ଅଥଚ ଦିନେ ଇନ୍ଦ୍ରମଣିଙ୍କ ସଂସାର ପୂରି ଉଠିଥିଲା। ପତ୍ନୀ, ପୁତ୍ର, ପରିବାର ଓ ପଦବୀକୁ ନେଇ ଅନ୍ତରଙ୍ଗତାର କୋଳାହଳରେ ମୁଖରିତ ହୋଇ ଉଠୁଥିଲା ଚାରିପାଖର ପରିବେଶ। ସୁଖର ବର୍ତ୍ତମାନଟି ସହିତ ଗଢି ଉଠିଥିବା ଯାବତୀୟ ସମୃଦ୍ଧିର ସ୍ୱପ୍ନମୟ ଭବିଷ୍ୟତ। ପୁଅ ଚାରିଜଣଙ୍କ ପାଇଁ ଚାରି ମହଲା କୋଠାଘର। ପୁଅମାନେ ନିଜ ନିଜର ସଂସାର ବାଛି ପାଖରେ ରହିବେ। ନାତି ନାତୁଣୀଙ୍କ କୋଳାହଳରେ ଭୁଲି ହୋଇଯିବ ବାର୍ଦ୍ଧକ୍ୟର ଯନ୍ତ୍ରଣା । ଅଥଚ କେତେ ଶୀଘ୍ର ଅପମୃତ୍ୟୁ ନ ଘଟିଲା ଏ ସବୁ ସୁନ୍ଦର ସ୍ୱପ୍ନର ! ପୁଅ ତିନିହେଁ ସେମାନଙ୍କ ଭାଗର କୋଠାକୁ ଭଡ଼ା ଦେଇ ଯିଏ ଯା ବାଟରେ ଚାଲିଗଲେ। ନିଜ ଆଖି ଆଗରେ ସଂଘଟିତ ହୋଇଥିବା ସମ୍ପର୍କର ଏ ସଂକଟକୁ ସହି ନ ପାରି ମାଆ ତାଙ୍କର ମୁହଁ ଫେରାଇ ଆରପାରିକୁ ଚାଲିଗଲା । ଆଜି ସେ ଏକା ଏକା । ପାଖରେ ଥିବା ଏକମାତ୍ର ନାତିଟିର ସଙ୍ଗ ଲାଭ କରିବା ମଧ୍ୟ ତାଙ୍କ ପାଇଁ ଅସହଜ । ପଢ଼ାପଢ଼ି ବ୍ୟାହତ ହେବ ବୋଲି ଜେଜେଙ୍କ ସହ ବେଶୀ ନ ମିଶିବା ପାଇଁ ତା ମାଆର କଠୋର କଟକଣା। ସଂସାର ସୁଖରସ୍ୱରୂପ ସବୁ ଯଦି ଏମିତି, ତେବେ ନିଃସନ୍ତାନ ହେବାଠୁଁ ବଳି ବଡ଼ ସୌଭାଗ୍ୟ ଆଉ କିଛ ନାହିଁ । ଏହାଥିଲା ଜଣେ ବନ୍ଧୁଙ୍କ ନିକଟରେ ଇନ୍ଦ୍ରମଣିଙ୍କ ଆବେଗପୂର୍ଣ୍ଣ ଉଚ୍ଚାରଣ।

ଇନ୍ଦ୍ରମଣିଙ୍କ କାହାଣୀ ଭଳି ଚନ୍ଦ୍ରମଣିଙ୍କର। ଗୋଟିଏ ବୋଲି ଆଶ୍ରୟ ସ୍ଥଳ, ଗୋଟିଏ ବୋଲି ଏକୋଇର ବଳା ବିଶିକେଶନ। ବାର୍ଦ୍ଧକ୍ୟର ଏକମାତ୍ର ଆଶ୍ରୟସ୍ଥଳ, ଗୋଟିଏ ବୋଲି ବାରାଣାସୀ। ତା' ଜନ୍ମ ପରଠୁଁ ଏ ପର୍ଯ୍ୟନ୍ତ ଚନ୍ଦ୍ରମଣି ଓ ତାଙ୍କ ପତ୍ନୀଙ୍କ ଜୀବନରେ ଏମିତି ଗୋଟିଏ ମୁହୂର୍ତ୍ତ ବି ବିତିନାହିଁ, ଯେତେବେଳେ ତାଙ୍କ ହୃଦୟ ପୁଅ ପାଇ ନ କାନ୍ଦିଛି । ଶିବ ସେବା କରି ତାକୁ ଲାଭ କରିଥିବା ବାପା ମା ଦୁହିଁଙ୍କ ପାଇଁ ତା ପତ୍ନୀ ଥିଲା ନିଜ ଝିଅ ଠାରୁ ଆହୁରି ନିଜର। ଅଥଚ ସ୍ତ୍ରୀର ଇଚ୍ଛାକୁ ନିଜର ଦୀକ୍ଷା ମାନୁଥିବା ପତ୍ନୀ ପରାୟଣ ପୁଅ ପାଖରେ ଏବେ ବାପା ମା ଦୁହେଁ ଅବାଞ୍ଛିତ ଅତିଥି । ଯେତେଶୀଘ୍ର ସେମାନଙ୍କୁ ଠାରୁ ମୁକ୍ତିମିଳିବ, ସେତେ ମଙ୍ଗଳ ।

ପୁଅ ବୋହୂଙ୍କର ଏପରି ଆଚରଣ ଦେଖି ଦିନେ ଚରମ ଅଭିମାନରେ ଘର ଛାଡ଼ି ଚାଲିଗଲେ ଚନ୍ଦ୍ରମଣି । ମାତ୍ର ଗୋଟିଏ ପୁତ୍ର ଜନ୍ମ ଦେଇଥିବା ପିତାର ଆଉ ଦ୍ୱିତୀୟ ଆଶ୍ରୟ କାହିଁ ଯେ ! ସୁତରାଂ ନିଜ ଅଭାଗିନୀ ପତ୍ନୀର ଅସହାୟତା ଉପଲବ୍ଧ କରି ସେ ଲେଉଟି ଆସିଲେ ତିନିଦିନ ପରେ । କେହି ତାଙ୍କୁ ସଙ୍ଖୋଳିଲେ ନାହିଁ କି ତାଙ୍କ ଫେରି ଆସିବାରେ ଖୁସି ହେଲେ ନାହିଁ । କେବଳ ବୃଦ୍ଧା ପତ୍ନୀଙ୍କ ଆଖି ଲୁହ ମଧ୍ୟରେ ସେ ଦେଖୁଥିଲେ ସଂସାରର ବିଚିତ୍ର ବିଚାରକୁ । ଚିହ୍ନୁଥିଲେ ରଙ୍ଗ ବଦଳାଇ ଦେଇଥିବା ପ୍ରାଚୀନ ସଂସ୍କାରର ନବ୍ୟ ସଂସ୍କରଣକୁ । ଅଥଚ କିଛିଦିନ ପରେ ଦିନେ ବୋହୂଙ୍କ ପାଳିତ କୁକୁରଟି କେଉଁଆଡ଼େ

ଚାଲିଗଲା ଯେ ପୁଅ ବୋହୂଙ୍କ ଦୁନିଆ ଅନ୍ଧାରରେ ବୁଡ଼ିଗଲା ଯେମିତି । ଘରେ ରନ୍ଧାବଢ଼ା ଖିଆପିଆ ବନ୍ଦ ହୋଇଗଲା । ଜଗତଯାକର ସବୁ କାରୁଣ୍ୟ ଅଜାଡ଼ି ପଡ଼ିଲା କୁକୁରଟିର ଅବର୍ତ୍ତମାନରେ । ଦୁଇଦିନ ପରେ ଶ୍ୱାନପ୍ରବରଙ୍କ ଅଚାନକ ଆବିର୍ଭାବ ପୁଣି ପରିବାର ପାଇଁ ହସ ଫେରାଇ ଆଣିଲା । ପରମ ଆବେଗରେ କୁକୁରଟିକୁ ଛାତିରେ ଜାକି ରଖି ବୋହୂ ଚୁମା ଦେଉଥିବା ଦେଖି ଚନ୍ଦ୍ରମଣି ସ୍ୱଗତୋକ୍ତି କରୁଥିଲେ ''ଏ ଜନ୍ମ ତ ନିଷ୍ଫଳ ହୋଇଗଲା । ପର ଜନ୍ମରେ ଏମିତି କୁକୁରଟିଏ ହୋଇ ଜନ୍ମ ନିଅନ୍ତି ହେଲେ ।"

ଇନ୍ଦ୍ରମଣି ଓ ଚନ୍ଦ୍ରମଣିମାନଙ୍କ ସଂଖ୍ୟା ଏ ସଂସାରରେ କେତେ କେଜାଣି, ଏମାନଙ୍କ ସନ୍ତାନମାନଙ୍କ ସଂଖ୍ୟା କିନ୍ତୁ ଅଙ୍କରେ ଗଣିହେବ ନାହିଁ । ଏମାନେ ନିଜ ପାଇଁ ବଞ୍ଚନ୍ତି, ନିଜ ପତ୍ନୀ ଓ ପିଲାମାନଙ୍କୁ ନିଜର ସଂସାର ମନେକରି ବାପା ମା ଭାଇ ଭଉଣୀମାନଙ୍କୁ ବିସ୍ମୃତିର ଅତଳ ଗର୍ଭରେ ଫିଙ୍ଗି ଦିଅନ୍ତି । ନିଜ ସଂକୀର୍ଣ୍ଣ ସଡ଼କରେ ଆଗକୁ ମାଡ଼ି ଯାଉଥିବାବେଳେ ରହି ରହି ଏମାନଙ୍କ କର୍ଣ୍ଣପଟରେ ପ୍ରତିଧ୍ୱନିତ ହେଉଥାଏ ପ୍ରାଚୀନ ପ୍ରବାଦର ତୀବ୍ର ଏକ ଚେତାବନୀ, "ତୋ ବେଳକାଳ ଆସୁଛି" । ତଥାପି ଏମାନଙ୍କ ବିବେକରେ ଚୈତନ୍ୟ ଉଦୟ ହୁଏନା କି ଗତି ମନ୍ଥର ହୋଇଯାଏନା । ଏମାନେ ସେମିତି ଦୌଡ଼ି ଚାଲିଥାନ୍ତି, ଜୀବନର ନିଷ୍ଠୁରତମ ସତ୍ୟଟିକୁ ସାମନା କରିବା ଯାଏଁ ।

ପିତାପୁତ୍ର ସମ୍ପର୍କର ଏ ବିଭ୍ରାଟ ପ୍ରସଙ୍ଗରେ ଆଉ ଜଣେ ନିଃସନ୍ତାନ ବ୍ୟକ୍ତିଙ୍କ ନିଆରା ଜୀବନଚର୍ଯ୍ୟା ଇନ୍ଦ୍ରମଣି ଓ ଚନ୍ଦ୍ରମଣିମାନଙ୍କ ପାଇଁ ସ୍ୱତନ୍ତ୍ର ଅନୁଶୀଳନର ଅପେକ୍ଷା ରଖେ । ଷ୍ଟେଟ୍ ବ୍ୟାଙ୍କର ବରିଷ୍ଠ ଅଫିସର ପଦରୁ ଅବସର ନେଇ ପତ୍ନୀଙ୍କ ସହ ଅପୁତ୍ରିକ ଜୀବନ ବଞ୍ଚୁଥିବା ମୋହନବାବୁ ଅତୀତରେ ଢେର ବାହୁନିଥିଲେ ନୀରବରେ, ପିତାଟିଏ ହୋଇ ନ ପାରିବା ଦୁଃଖରେ । ଏକ ଅଭିଶପ୍ତ ଅପୁତ୍ରିକ ବର୍ତ୍ତମାନ ଯେତେବେଳେ ଆଶ୍ରୟହୀନ ଭବିଷ୍ୟତର ରୂପ ନେଇ ତାଙ୍କ ଆଖି ଆଗରେ ଛିଡ଼ା ହେଉଥିଲା, ସେ ନିଜକୁ ଭାରି ଅସହାୟ ମନେ କରୁଥିଲେ । ମାତ୍ର ଯୋଗୀ ଅରବିନ୍ଦଙ୍କ ଦୀକ୍ଷା ଓ ଦର୍ଶନରେ ଅଭିମନ୍ତ୍ରିତ ହୋଇ ସେ ନିଜ ଭିତରେ ଆବିଷ୍କାର କଲେ ଏକ ଅଭିନବ ପିତୃତ୍ୱ । ନିଜ ପତ୍ନୀ ଗର୍ଭରୁ ଜନ୍ମ ନେଇଥିବା ସନ୍ତାନର ପିତା ବୋଲାଇବା ପରିବର୍ତ୍ତେ ସେ ସୃଷ୍ଟିର ପିତୃହୀନ ସନ୍ତାନଙ୍କ ଉପରେ ନିଜର ପିତୃତ୍ୱ ଅଜାଡ଼ି ଦେଲେ । ଅନାଥଙ୍କ ପାଇଁ ନାଥ ପାଲଟିଗଲେ, ନିରାଶ୍ରୟଙ୍କ ପାଇଁ ଆଶ୍ରୟ । ବହୁ ଲକ୍ଷ ଟଙ୍କା ବ୍ୟୟରେ ପଣ୍ଡିଚେରୀରେ ଘରଟିଏ ତୋଳି ତାକୁ ସମର୍ପି ଦେଲେ ବାସହୀନ ଲୋକଙ୍କ ସେବାରେ । ନିଜ ଚାରିପୁଅଙ୍କ ପାଇଁ ଚାରି ତାଲା ବିଶିଷ୍ଟ କୋଠା ଗଢ଼ିଥିବା ଇନ୍ଦ୍ରମଣି ବାବୁଙ୍କ ପିତୃତ୍ୱ ଏବେ ବିଳାପ କରୁଥିଲା ବେଳେ ନିଃସନ୍ତାନ ମୋହନ ବାବୁଙ୍କ ଓଠ କଡ଼ରୁ ଉକୁଟି ଆସୁଛି ସଫଳ ପିତୃତ୍ୱର ଆନନ୍ଦ । ନିଜ ଜନ୍ମିତ ସନ୍ତାନଙ୍କ ଦ୍ୱାରା ନିଷ୍ଠୁରଭାବେ ପ୍ରତ୍ୟାଖ୍ୟାତ ନ ହେବାର ଆନନ୍ଦ । ସାରା ସଂସାରକୁ ନିଜର କରି ନେବାର ଆନନ୍ଦ ।

ନିଜ ନିଜର ସନ୍ତାନମାନଙ୍କ ଅବହେଳାର ଶୀକାର ହୋଇ ଦାରୁଣ ଅସହାୟତାର ବୋଝ ମୁଣ୍ଡାଇ ଶ୍ମଶାନର ଶେଷ ଯାତ୍ରାକୁ ଅପେକ୍ଷା କରୁଥିବା ଇନ୍ଦ୍ରମଣି ଓ ଚନ୍ଦ୍ରମଣିମାନେ ତାଙ୍କ ଦୁର୍ବିସହ ଯାତ୍ରାପଥରେ ଯଦି କେବେ ମୋହନବାବୁଙ୍କୁ ଭେଟନ୍ତେ, ତେବେଯାଇ ଜନ୍ମରେ ତାଙ୍କପରି ନିଃସନ୍ତାନ କରିବାକୁ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତେ ନିଶ୍ଚୟ !

ପ୍ରଜ୍ଞା ନିଳୟ, ପ୍ଲଟ୍ ନଂ.୨୨୯୩/୨୯୦୩
ବିଦ୍ୟାପତି ନଗର, ଚକେଇସିହାଣୀ, ମଞ୍ଚେଶ୍ୱର
ଭୁବନେଶ୍ୱର-୭୫୧୦୧୦

●●●

କର୍ମ ଓ କର୍ତ୍ତବ୍ୟ

ବିଦ୍ୟାଧର ଅଗ୍ରୱାଲ
ମୋ-୯୩୩୭୨୦୩୬୨୩

ପରମେଶ୍ୱର ମାନବଜାତି ପାଇଁ ଚାରୋଟି ସ୍ତର ସୃଷ୍ଟି କରିଛନ୍ତି। ସେଗୁଡ଼ିକ ହେଉଛି ଶୈଶବ, କୈଶୋର, ଯୌବନ ଏବଂ ପ୍ରୌଢ଼ ଅବସ୍ଥା। ପ୍ରକୃତରେ ଶୈଶବ ଅବସ୍ଥା ପ୍ରଥମ ପାଞ୍ଚବର୍ଷ ପର୍ଯ୍ୟନ୍ତ ଥାଏ। ଏହି ସମୟରୁ ସଂଯମ ବା ଶୃଙ୍ଖଳା ଜ୍ଞାନର ଶିକ୍ଷା ଆରମ୍ଭ ହୁଏ। ସଂଯମ ଫଳରେ ଆୟୁ ବଳ ବୃଦ୍ଧି ହୁଏ ଓ ସଂଯମ ଆଚରଣ ଦ୍ୱାରା କର୍ମରେ ସିଦ୍ଧି ଏବଂ ଯଶ ମିଳିଥାଏ। ଏଥିପାଇଁ ଶୃଙ୍ଖଳିତ ଜୀବନର ଆବଶ୍ୟକତା ଅଛି। କୁମ୍ଭାର ମାଟିହାଣ୍ଡିଟିଏ ଗଢ଼ିଲାବେଳେ ଉପଯୁକ୍ତ ମାଟି ଚୟନ କରେ। ମାଟିରୁ ଗୋଡ଼ି ପ୍ରଭୃତି ଅଦରକାରୀ ଦ୍ରବ୍ୟ ବାହାର କରିଦିଏ। ତାପରେ ଆବଶ୍ୟକ ପରିମାଣର ଜଳ ଦେଇ ଚକଟେ। ଚକରେ ବୁଲାଇ ମୂଳପିଣ୍ଡ ତିଆରି କରେ। ପରେ ବିଭିନ୍ନ ଆକୃତିର ମାଟି ପାତ୍ର ନିର୍ମାଣ କରେ। ପରେ ବିଭିନ୍ନ ଆକୃତିର ମାଟି ପାତ୍ର ନିର୍ମାଣ କରେ।

ସେହିପରି ମୂଳ ପିଣ୍ଡ ଠାରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ କିପରି ଉପଯୁକ୍ତ ଦାୟଦଟିଏ ଏ ପୃଥିବୀରେ ପାଦ ଦେବ, ସମସ୍ତ ଶୃଙ୍ଖଳିତ ପିତାମାତା ଚିନ୍ତା କରିଥାନ୍ତି। ଚାଣକ୍ୟ କହିଛନ୍ତି, ଗୋଟିଏ ଚନ୍ଦ୍ର ଆମର ଦରକାର ଯେ କି ତାର ସୁଶୀତଳ କିରଣ ଦ୍ୱରା ସାରା ପୃଥିବୀବାସୀଙ୍କୁ ଆନନ୍ଦ ପ୍ରଦାନ କରିପାରୁଥିବ। କୋଟି କୋଟି ନକ୍ଷତ୍ର ଆକାଶରେ ଯଦିବା ଦୃଶ୍ୟମାନ ହୁଅନ୍ତି, ସେମାନଙ୍କର ମିଞ୍ଜିମିଞ୍ଜି ଆଲୋକ ଆମର କୌଣସି ଉପକାରରେ ଆସନ୍ତି ନାହିଁ। ତେଣୁ ଗୋଟିଏ ଚନ୍ଦ୍ର ଆମ ପାଇଁ ଯଥେଷ୍ଟ ପରନ୍ତୁ ଚନ୍ଦ୍ର ବ୍ୟତୀତ ତାରଗଣ କିଛି ନୁହଁନ୍ତି। କଥାରେ ଅଛି ମାଆ ବାପ ହେଉଛନ୍ତି ପିଲାର ବାଲ୍ୟ ଶିକ୍ଷକ, ପ୍ରଥମ ଶୃଙ୍ଖଳା ଜ୍ଞାନ ତାଙ୍କଠାରୁ ମିଳିଥାଏ। ଏହି ଶୃଙ୍ଖଳା ଓ ସଂଯମ ଜ୍ଞାନକୁ ଆହରଣ କରି ପିଲାଟି ପ୍ରଥମେ ନିଜ ପରିବାର, ପରେ ପଡ଼ୋଶୀ, ଏବଂ ଆସ୍ତେ ଆସ୍ତେ ଏହାର ପରିସୀମା ବୃଦ୍ଧିପାଇ ସାରା ବିଶ୍ୱକୁ ମଧ ପ୍ରଭାବିତ କରିପାରେ।

ମନୁଷ୍ୟ ଏକ ସମାଜିକ ପ୍ରାଣୀ, ସମାଜରେ ତାର ଜନ୍ମ, ସମାଜରେ ଜ୍ଞାନ ଅର୍ଜନ, ସେଇ ଜ୍ଞାନ ଆହରଣ ପୂର୍ବକ ପରିବାର ପ୍ରତିପୋଷଣ ଓ ସମାଜ ସେବାରେ ନିଜକୁ ଉତ୍ସର୍ଗୀକୃତ, ଏ ହେଉଛି ଆଗକୁ ଆଗକୁ ଯିବାର ଗୋଟିଏ ଗୋଟିଏ ସେପାନ।

ତେଣୁ ଶୈଶବ ପରେ ଯେତେବେଳେ କୁମାର ଓ ଯୌବନ ଅବସ୍ଥା ଆସେ, ସେହି ସମୟରେ ବିଦ୍ୟା ଅର୍ଜନ ପ୍ରତି ଧ୍ୟାନ ଦେବା ସବୁଠାରୁ ବଡ଼ କର୍ତ୍ତବ୍ୟ। କାରଣ ଏହି ସମୟ ଜ୍ଞାନ ଆହରଣ, ଜ୍ଞାନ ବିତରଣ ଏବଂ ଜୀବନ ଜୀବିକା ପାଇଁ ବ୍ୟବସ୍ଥା କରିବାକୁ ପଡ଼ିଥାଏ। ଏହି ସମୟରେ ମୂଳ କର୍ତ୍ତବ୍ୟ ଭୁଲି ଅନେକ ଯୁବକ ଯୁବତୀ ବାଟ ହୁଡ଼ି ଅବାଟରେ ଚାଲିଯାଆନ୍ତି। ଏଥିଯୋଗୁଁ ବାଟରେ ଝୁଣ୍ଟି କ୍ଷତ ବିକ୍ଷତ ହେବାକୁ ପଡ଼ିଥାଏ। ମନୁଷ୍ୟର ଲକ୍ଷ୍ୟଭ୍ରଷ୍ଟ ହୁଏ। ଥରେ ବାଟ ହୁଡ଼ିଲେ, ସେ ବାଟ ଆଉ ଖୋଜି ମିଳେନି ଏବଂ ପରେ ପସ୍ତେଇବାକୁ ପଡ଼େ। ଏହି ସମୟ ଜୀବନର ପ୍ରକୃତ ସମୟ, ଯେତେବେଳେ ଶୃଙ୍ଖଳା ଓ ସଂଯମ ଜ୍ଞାନ ଆମକୁ ଠିକ୍ ବାଟରେ ଯିବା ପାଇଁ ପ୍ରେରଣା ଦିଏ। ଜୀବନକୁ ସୁନ୍ଦର ଭାବରେ ନଗଢ଼ି ଯଦି ଆମେ କାମିନୀ କାଞ୍ଚନ ପଛରେ ଗୋଡ଼ାଉ, ନର୍କ ଭୋଗ ଦଶା ମିଳେ। ନଜକୁ ଉପଯୁକ୍ତ କରି ସାରିବା ପରେ ରୋଜଗାରକ୍ଷମ ହୋଇ ସାଥୀଟିଏ ବାଛିବାରେ କାହାର କିଛି ଆପତ୍ତି ନଥାଏ। ଏଥିପାଇଁ ପିତାମାତା ହେଉଛନ୍ତି ଆମର ଉପଯୁକ୍ତ ମାର୍ଗଦର୍ଶକ। କାରଣ ସେମାନେ ଜାଣନ୍ତି କାହାପାଇଁ କିପରି

ପାତ୍ର ବା ପାତ୍ରୀର ଆବଶ୍ୟକତା କେଉଁମାନର ଦରକାର। ଏହି କ୍ଷେତ୍ରରେ ନିଜର ଚୟନ ଅନେକ କ୍ଷେତ୍ରରେ ଧୋକାରେ ପରିଣତ ହେଉଛି। ଅବଶ୍ୟ ପିତାମାତାଙ୍କର ଚୟନରେ ଯେ ଅସୁବିଧା ନ ହେଉଛି ତାହା ନହେଁ। ସବୁଠାରୁ ବଡ଼ କଥା ହେଲା ଆପୋଷ ସମାଧାନ ବା Adjustment । ପୂର୍ବର ଯୌଥ ପରିବାର ପ୍ରାୟତଃ ଆଉ ଦେଖିବାକୁ ମିଳୁନି ଯେଉଁଥିରେ କି ସମୂହ ଭାଗିଦାରୀ ପ୍ରତି ଗୃହର ପ୍ରତ୍ୟେକ ସଦସ୍ୟ ଧ୍ୟାନ ଦେଉଥିଲେ। ତଥାପି ଝିଅଟିଏ ପରଘରକୁ ବୋହୂ ହୋଇ ଗଲେ, ଘରର ଅନ୍ୟ ସଦସ୍ୟମାନଙ୍କ ପ୍ରତି ସମଭାବ, ଜ୍ଞାତି କୁଟୁମ୍ବ ପରିଜନମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଓ ସାହାଯ୍ୟ ମନେବୃତ୍ତି ରହିବା ଦରକାର। ଏ ହେଉଛି ଶୃଙ୍ଖଳିତ ଜୀବନର ଏକ ଅଂଶବିଶେଷ। ଏହାଦ୍ୱାରା ବୈବାହିକ ଜୀବନ ସୁଖମୟ ହୋଇଥାଏ। ପ୍ରତ୍ୟେକ ନାଗରିକ ଜାଣିରଖିବା ଉଚିତ ଯେ ତ୍ୟାଗରେ ଭୋଗଥାଏ। ଯେଉଁଠି ତ୍ୟାଗ ନାହିଁ ସେ ସ୍ଥାନରେ ଭୋଗ ନଥାଏ।

ତା'ପରେ ଆସିଯାଏ ନିଜେ ବାପା ମାଆ ହୋଇ ପିଲାମାନଙ୍କର ମୂଳଦୁଆ ଗଢ଼ି ସେମାନଙ୍କୁ ଉପଯୁକ୍ତ ମଣିଷଟିଏ କରିବା ପାଇଁ ଚେଷ୍ଟା କରିବା । ଏଠାରେ ନିଜେ ଶିକ୍ଷାଲାଭ କରିଥିବା ଶୃଙ୍ଖଳା ଓ ସଂଯମ ଜ୍ଞାନ ନିଜ ପିଲାମାନଙ୍କୁ ସେଇବାଟରେ ନେବାରେ ପ୍ରେରଣା ଯୋଗାଇବା। ସବୁ ନାଗରିକ ଏଥିପ୍ରତି ଧ୍ୟାନ ଦେଲେ ଏକ ଶୃଙ୍ଖଳିତ ସମାଜ ଗଠନ ହୋଇପାରିବ, ରାଷ୍ଟ୍ର ନିର୍ମାଣରେ ଏହା ସହଯୋଗୀ ଭାବରେ କାର୍ଯ୍ୟ କରିପାରିବ। ତା'ପରେ ଆସେ ପ୍ରୌଢ଼ ଅବସ୍ଥା । କଥାରେ ଅଛି ଆମେ ଅନ୍ୟପାଇଁ ଯାହା କରିଥିବା, ସେହି ସବୁ ଆମ ପାଇଁ ଥୁଆ ହୋଇ ରହିଥିବ। ଆମେ ଆମ ବାପ ମାଆ, ଭାଇ ବନ୍ଧୁ କୁଟୁମ୍ବମାନଙ୍କୁ ଯେପରି ଦେଖିବା, ତାଙ୍କଠାରୁ ସେହିପରି ଆଦର ପାଇବା। ଏହି ଗୁଣଗୁଡ଼ିକ ଆମ ପିଲାମାନେ ଆମ ଅଲକ୍ଷ୍ୟରେ ସେ ସବୁକୁ ଅନୁଧ୍ୟାନ କରିଥାଆନ୍ତି। ତେଣୁ ଆଲୋ ସଖୀ, ଆପଣା ମହତ ଆପେ ରଖି ନ୍ୟାୟରେ, ଆମେ ଚାଲୁଥିଲେ, ବରିଷ୍ଠ ନାଗରିକମାନଙ୍କର ବିଶେଷ କିଛି ଅସୁବିଧା ହେବ ନାହିଁ ବୋଲି ମନରେ ଆଶା ବାନ୍ଧିବାକୁ ପଡ଼ିବ।

ଏଣୁ ପ୍ରତ୍ୟେକ ବେଳଥାଉଁ ସଜାଡ଼ି ହୋଇଥଲେ ସେମାନଙ୍କର ପରିଣତ ବୟସରେ ବିଶେଷ କୌଣସି ଅସୁବିଧା ହେବ ନାହିଁ।

●●●

AN APPEAL

Elders Recreation Activities (ERA)

Quarterly Magazine "**Barishtha Bani**" (Free to Members)

1. Patron Member – Rs. 10,000/- 2. Life Member – Rs. 1,000/-

Application Form for Individual/ Association

1. Name : ______________________________
2. Detail Postal address : ______________________________
3. Mobile/ WhatsApp No. ______________________________
4. Date of Birth : ______________ Blood Group : ______________
5. Amount Paid : Rs. ______________ (Paid through Bank Transfer)

To be deposited in favour of Elders Recreation Activities Trust SB A/C No. **513310210000012**
IFSC Code- **BKID0005133**, Bank of India, Chakeisiani Branch, Bhubaneswar

Above details with copy of Bank Receipt may be sent to Sri K C Sahoo, WhatsApp No. 943775625 / 7008927372

Birthday of ERA Members				
Sl.	Name of the Member		Contact No.	D O B
J	Sri Nilamani Sahoo	Bhubaneswar	9937399086	01.01.1952
	Sri Banka Bihari Rout	Balasore	8093672395	01.01.1954
A	Smt. Gayatri Mishra	Bhubaneswar	9674474717	01.01.1961
	Dr. Siba Prasad Behera	Balangir	9437151347	04.01.1956
	Sri Debaprasad Mohanty	Bhubaneswar	9437018611	05.01.1951
N	Sri Brajendra Kumar Behera	Cuttack	9437069244	05.01.1953
	Sri Bichitra Kumar Mishra	Bhubaneswar	9674474717	07.01.1959
U	Dr. Surendranath Dash	Bhubaneswar	9437011125	11.01.1949
	Sri Parsuram Nayak	Bhubaneswar	8114963130	12.01.1953
A	Dr. Pravakar Patnaik	Bhubaneswar	7978640872	16.01.1951
	Sri Gangadhar Sahoo	Bhubaneswar	9438421841	16.01.1947
	Smt. Kalyani Chakraborty	Bhubaneswar	9439646200	16.01.1948
R	Sri Dhirendra Ku Behera	Bhubaneswar	7205781858	19.01.1955
	Sri Nanda Kishore Jena	Bhubaneswar	9777313209	22.01.1951
Y	Sri Radhaprasad Tah	Cuttack	8093706730	23.01.1955
F	Sri Sarat Kumar Dash	Bhubaneswar	9861014722	01.02.1959
E	Sri Adwit Ballahbh Pattnaik	Bhubaneswar	9937058154	05.02.1948
B	Sri Niranjan Kumar Mohanty	Rourkela	7978503619	08.02.1952
	Zilla Baristha Nagarik Sangha	Rayagada	9437215201	08.02.2016
R	Sri Kshirendranath Sahoo	Bhubaneswar	9853141517	10.02.1953
U	Sri Tribhuban Das	Balasore	9437976593	11.02.1960
A	Sri Bansidhar Barik	Bhubaneswar	9937006967	12.02.1960
	Sri Krushna Prasad Mohanty	Bhubaneswar	9040149351	15.02.1952
R	Baristha Nagarik Mancha, Balikhand	Balasore	6370079121	16.02.2018
Y	Sri Bimalananda Brahmachari	Bhubaneswar	9583200300	22.02.1955
M	Sri Rajkishore Sahoo	Bhubaneswar	9438363455	01.03.1963
	Prof. Paresh Nath Sahu	Bhubaneswar	9078675970	01.03.1948
A	Sri Subash Ch Senapati	Aska, Ganjam	9438662036	02.03.1947
	Er. Basant Kumar Mishra	Bhubaneswar	9437000452	03.03.1950
	Sri Bhagirathi Bhoi	Bhawanipatna	9777050768	03.03.1954
R	Sri Jyoti Bhusan Das	Bhubaneswar	9337320509	05.03.1953
	Baristha Nagarik Sangha, Khariar Rd.	Nawapara	9437076474	09.03.2012
C	Sri Debadutta Panda	Bhubaneswar	9437306647	11.03.1960
	Sri Kalyan Ku. Pati	Bhubaneswar	9437438891	13.03.1958
	Senior Citizens Forum, Laxmisagar	Bhubaneswar	9337221866	16.03.2015
H	Sri Purna Ch. Panda	Bhubaneswar	9692490909	20.03.1956

ଆନୁଷ୍ଠାନର ଆଭିମୁଖ୍ୟ

ଜୀବନର ଅସ୍ତଗାମୀ ଯାତ୍ରା ସ୍ରୋତରେ ଦିଗହରା, ନିଃସଙ୍ଗ ଓ ଅସମର୍ଥ ବୟସ୍କ ବନ୍ଧୁମାନଙ୍କୁ ଏହି ଅନୁଷ୍ଠାନ ମାଧ୍ୟମରେ ପରସ୍ପର ଭାବ ବିନିମୟର ସୁଯୋଗ ମିଳିପାରିବ। ଚିତ୍ତବିନୋଦନ କ୍ଷେତ୍ରରେ ବରିଷ୍ଠ ନାଗରିକମାନଙ୍କ ହୃଦୟରେ ଖୁସିର ମହକ ଖେଳାଇଦେବା ପାଇଁ ଏହା ଏକ ସେତୁ ସଦୃଶ। ସମସ୍ତ ଅନୁବନ୍ଧିତ ସଦସ୍ୟବୃନ୍ଦଙ୍କ ଅବଦାନ ଅତୁଳନୀୟ। ନୂତନ ବନ୍ଧୁମାନଙ୍କୁ ଏହି ଅନୁଷ୍ଠାନରେ ଆଜୀବନ ସଦସ୍ୟ (ଏକ ହଜାର ଟଙ୍କା ସହଯୋଗ ରାଶି ସହ) କିମ୍ବା ପୃଷ୍ଠପୋଷକ ସଦସ୍ୟ (ଦଶ ହଜାର ଟଙ୍କା / ତତୋଧିକ ସହଯୋଗ ରାଶି ସହ) ହୋଇ ଏପରି ମହତ କାର୍ଯ୍ୟରେ ପରୋକ୍ଷ ହେଉ କିମ୍ବା ପ୍ରତ୍ୟକ୍ଷ ଭାବେ ଅଂଶୀଦାର ହେବାକୁ ସାଦର ସ୍ୱାଗତ। ପ୍ରତିବଦଳରେ ଅନୁଷ୍ଠାନ ତରଫରୁ ପ୍ରକାଶିତ ତ୍ରୟମାସିକ ପତ୍ରିକା "ବରିଷ୍ଠ ବାଣୀ" ବିନା ମୂଲ୍ୟରେ ପ୍ରେରଣ, Daycare Service, ଲାଇବ୍ରେରୀ ଓ ଚିତ୍ତବିନୋଦନ କାର୍ଯ୍ୟକ୍ରମରେ ଯୋଗଦାନ ସହ ଅନୁଷ୍ଠାନର ସମସ୍ତ କାର୍ଯ୍ୟକ୍ରମଗୁଡ଼ିକରେ ପ୍ରାଥମିକତା / ରିହାତି ଇତ୍ୟାଦି ଉପରେ ଗୁରୁତ୍ୱ ପ୍ରଦାନ କରାଯାଏ ।

ସଭ୍ୟଭୁକ୍ତ ପାଇଁ ଆଗ୍ରହୀ ବନ୍ଧୁମାନେ ନିମ୍ନ ଆକାଉଣ୍ଟରେ ସହଯୋଗ ରାଶି ଜମା କରିବାକୁ ଅନୁରୋଧ।

Elder Recreation Activities Trustର

ବ୍ୟାଙ୍କ ଖାତା **- S.B. A/C - 51331021000012 &**

IFSC Code BKID0005133 MICR Code 751013027,

Bank of India, Chakeisiani Branch, Bhubaneswar

PRIME AGRO FOOD PROCESSING PVT. LTD.
Plot No. 63/B, Sector-A, Zone-D,
Mancheswar Ind. Estate, Bhubaneswar

Vol.- I Issue - II October-December, 2022

MICRO ENGINEERING

STRUCTURAL ENGINEER, FABRICATOR & ERECTOR

Plot-156/A, Sec-A, Zone-B, Ind. Estate
Mancheswar, Bhubaneswar - 751010
&
Plot - 60, IID Centre, Khurda - 752055
Regd. SSI, NSIC & ISO 9001-2008 Certified Unit

Phone : 0674-2580778
Fax : 0674-2581768
Cell : 9437024758
e-mail - micro_engg55@rediffmail.com

Book Post / Printed Matter

To ....
....
....

If undelivered please return to :
Elder Recreation Activities-ERA
Er. K.C. Sahoo,
Plot - 4785, Chakeisiani,
Bhubaneswar-751010

Published & Printed by Udayanath Sahu on behalf of Elder Recreation Activities Trust, LB-58, Stage-4 Laxmisagar, Bhubaneswar-751006 Odisha. **Printed at** Duduly Process & Offset,10E, Mancheswar I/E., Bhubaneswar-751010, **Editor-**Prafulla Kumar Mohapatra

Rs. 25/-